## ସଂକ୍ଷେପରେ

### ନକଲି ଆଇଆରଏସ ଅଧିକାରୀଙ୍କୁ ୬ ବର୍ଷ ଜେଲ ଦଣ୍ଡ

**ବାରିପଦା ଅଫିସ,୩୧।୭:** ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଏସଡିଜେଏମ କୋର୍ଟର ବିଚାରପତି ସୁମିତା ଆଚାର୍ଯ୍ୟ ବୁଧବାର ଏକ ଠକେଇ ମାମଲାର ବିଚାର କରି ଜଣେ ନକଲି ଆଇଆରଏସ ଅଧିକାରୀଙ୍କୁ ୬ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଜୋରିମାନା ଆଦେଶ ଦେଇଛନ୍ତି। ଭଦ୍ରକ ଜିଲାର ସତ୍ୟଜିତ ପଣ୍ଡା ନିଜକୁ ଆଇଆରଏସ ଅଧିକାରୀ ପରିଚୟ ଦେଇ ମୟୂରଭଞ୍ଜ ଜିଲା ଭାଜପା ଯୁବ ମୋର୍ଚ୍ଚାର ଜଣେ ନେତ୍ରୀଙ୍କ ସହ ସୋସିଆଲ ମିଡିଆରେ ବନ୍ଧୁତା ସ୍ଥାପନ କରିଥିଲେ। ତାଙ୍କୁ ଏକ ସ୍ୱେଚ୍ଛାସେବୀ ସଂସ୍ଥା କରାଇଦେବେ ବୋଲି କଥା ଦେଇ ୩ ହଜାର ଟଙ୍କା ନେଇ ଯାଇଥିଲେ।

## ପ୍ରଥମ ପୃଷ୍ଠାରୁ ...

### ଗୋଟିଏ ଟ୍ରିବ୍ୟୁନାଲ୍‌ରେ ...

ତେଣୁ ଏହାକୁ ଜାତୀୟ ପୃଷ୍ଠଭୂମିରେ ବିଚାର କରାଯାଉ। ଆନ୍ତ ନଦୀଜଳ ବିବାଦର ଆଇନଗତ ସମାଧାନ ବଦଳରେ ରାଜନୈତିକ ସମାଧାନର ଆବଶ୍ୟକତା ରହିଛି। କାବେରୀ ତ୍ରିକୋଣ ଭୂମିରେ କୃଷିର ସବୁଠୁ କମ୍ ଅଭିବୃଦ୍ଧି ହୋଇଛି। ୫୦%ରୁ ଊର୍ଦ୍ଧ୍ୱ ନାମମାତ୍ର ଚାଷୀ କୃଷିକାର୍ଯ୍ୟ ଛାଡ଼ିଦେଇଛନ୍ତି। ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଜୁଲାଇରେ ବିଲ୍ ଆଗତ ବେଳେ ରାଜ୍ୟଗୁଡ଼ିକର ପରାମର୍ଶ ନିଆଯାଇ ନ ଥିବାରୁ ତାଙ୍କ ଦଳ ଏହାକୁ ବିରୋଧ କରିଥିଲା। କିନ୍ତୁ ବିଚାରରେ ଉନ୍ନତି ଆସିବ ବୋଲି ଏଥିରେ ପ୍ରତିଶ୍ରୁତି ଦିଆଯାଇଛି। ଏବେ ସେ ବିଲ୍‌କୁ ସମର୍ଥନ କରୁଛନ୍ତି। ବିଲ୍ ଆଗତ ବେଳେ ସେ ଉଠାଇଥିବା କେତେକ ଦିଗ ପ୍ରତି ସରକାର ଯତ୍ନବାନ ହୋଇଛନ୍ତି। ତେବେ କେତେକ ପ୍ରଶ୍ନ ଅନୁତ୍ତରିତ ରହିଛି। ଟ୍ରିବ୍ୟୁନାଲ୍‌ର ଆୱାର୍ଡକୁ କାର୍ଯ୍ୟକାରୀ କରିବା ବେଳେ ଆସୁଥିବା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଏଥିରେ କି ପ୍ରକାର ବ୍ୟବସ୍ଥା ରହିଛି ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ। କାବେରୀ ଜଳ ଟ୍ରିବ୍ୟୁନାଲ ଆୱାର୍ଡ ୨୦୦୭ରେ ପ୍ରଦାନ କରାଯାଇଥିବାବେଳେ ଏଯାଏ କାର୍ଯ୍ୟକାରୀ କରାଯାଇ ନ ଥିବା ସେ କହିଥିଲେ।

ଅନ୍ୟପକ୍ଷରେ ସିପିଆଇଏମ୍‌ର ମଜିଦ୍ ଆରିଫ୍ ବିଲ୍‌କୁ ବିରୋଧ କରି ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଗନ୍ଧ ବାରିଥିଲେ। ଏହାସହ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନେଇ ପ୍ରସ୍ତାବିତ ଚିଠା ଆଇନରେ କିଛି ନାହିଁ ବୋଲି କହିଥିଲେ। ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ସବୁଠୁ ବେଶି ଜଳ ବିବାଦ ରହିଥିବା କଂଗ୍ରେସର ଏଚ୍. ବସନ୍ତକୁମାର ପ୍ରକାଶ କରିଥିଲେ। ଟିଆର୍‌ଏସ୍ ସଦସ୍ୟ ନାମା ନାଗେଶ୍ୱର ରାଓ ଏକ ଜାତୀୟ ଜଳ ନୀତି ପ୍ରଣୟନ ଦାବି କରି କହିଥିଲେ, ସେ ଏହି ବିଲ୍‌କୁ ସମର୍ଥନ କରୁଛନ୍ତି। କିନ୍ତୁ ଜଳ ବିବାଦ ସମାଧାନ କରିବାରେ ଏହା ସମ୍ପୂର୍ଣ୍ଣ ଭାବେ ସକ୍ଷମ ନୁହେଁ। ସାରା ଦେଶରେ ଚାଷକାର୍ଯ୍ୟରେ ସେଚନ ପାଇଁ ୪୦,୦୦୦ ଟିଏମ୍‌ସି ଏବଂ ପିଇବା ଓ ଶିଳ୍ପ ପାଇଁ ୧୦,୦୦୦ ଟିଏମ୍‌ସି ଜଳ ଆବଶ୍ୟକ ଥିବାବେଳେ ୭୦,୦୦୦ ଟିଏମ୍‌ସି (୨,୦୦୦ ମିଲିୟନ୍ କ୍ୟୁବିକ୍) ଜଳ ସମୁଦ୍ରକୁ ଯାଉଛି। ତେଣୁ ଏକ ଉତ୍ତମ ଜଳନୀତି ପ୍ରଣୟନ କରାଯାଉ। ୱାଇଏସ୍‌ଆର କଂଗ୍ରେସ ସଦସ୍ୟ ମିଥୁନ ରେଡ୍ଡୀ ବିଲ୍‌କୁ ସମର୍ଥନ କରି ନଦୀ ଜଳ ବିବାଦର ସମାଧାନ ୬ ମାସ ମଧ୍ୟରେ କରାଯାଉ ବୋଲି ଦାବି କରିଥିଲେ। ଜେଡିୟୁର ମହାବଳୀ ସିଂ ଜଳାଶୟଗୁଡ଼ିକ ନିର୍ମାଣ କରି ସେଗୁଡ଼ିକର ରକ୍ଷାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ସେ ଟ୍ରିବ୍ୟୁନାଲଗୁଡ଼ିକ ରାଜ୍ୟଗୁଡ଼ିକର କଥା ନ ଶୁଣିଲେ କ'ଣ କରାଯିବ ସେନେଇ ବିଲ୍‌ରେ କିଛି ଉଲ୍ଲେଖ କରାଯାଇନାହିଁ ବୋଲି କହିଥିଲେ।

ପ୍ରକାଶ ଯେ, ପ୍ରସ୍ତାବ ଅନୁସାରେ ଅନେକ ଟ୍ରିବ୍ୟୁନାଲ ବଦଳରେ (ସମସ୍ତ ଶାଖାକୁ ନେଇ) ଗୋଟିଏ ଟ୍ରିବ୍ୟୁନାଲ ଗଠନ କରାଯିବ। ଏଥିରେ ଜଣେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ରହିବେ। ସଦସ୍ୟଙ୍କ ସଂଖ୍ୟା ୬ରେ ସୀମିତ ରହିବ। ସେମାନଙ୍କ ମଧ୍ୟରୁ ୩ ବିଚାରବିଭାଗୀୟ ଓ ୩ ବିଶେଷଜ୍ଞ ରହିବେ। ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ କାର୍ଯ୍ୟକାଳ ୫ ବର୍ଷ କିମ୍ବା ସେମାନଙ୍କୁ ୭୦ ବର୍ଷ ହେବା ପର୍ଯ୍ୟନ୍ତ (ଯେଉଁଟା ପ୍ରଥମେ ହେବ) ରହିବ। ଟ୍ରିବ୍ୟୁନାଲକୁ ବୈଷୟିକ ସହାୟତା ପ୍ରଦାନ ପାଇଁ ଆସେସର ନିଯୁକ୍ତ ହେବେ। କେନ୍ଦ୍ରୀୟ ଜଳ ଇଞ୍ଜିନିୟରିଂ ସେବାରେ କାର୍ଯ୍ୟରତ ମୁଖ୍ୟଯନ୍ତ୍ରୀ ପାହ୍ୟାର ବିଶେଷଜ୍ଞଙ୍କ ମଧ୍ୟରୁ ଜଣେ ଅଧିକାରୀଙ୍କୁ ଆସେସର ନିଯୁକ୍ତ କରାଯିବ। ଏଥିରେ ନଦୀଜଳ ବିବାଦର ବିଚାର ପାଇଁ ସର୍ବାଧିକ ସାଢ଼େ ଚାରିମାସ ସମୟ ଧାର୍ଯ୍ୟ କରାଯାଇଛି। ଟ୍ରିବ୍ୟୁନାଲ ଖଣ୍ଡପୀଠଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ଓ ତାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକ ମାନିବା ପାଇଁ ବାଧ୍ୟ ହେବେ। ଏହା ବ୍ୟତୀତ କୋର୍ଟ ବାହାରେ ବିବାଦର ସମାଧାନ ବ୍ୟବସ୍ଥା ମଧ୍ୟ ପ୍ରସ୍ତାବିତ ଆଇନରେ ରହିଛି।

■ଅଘୋଷିତ ବିଦ୍ୟୁତକାଟ

# ସେସୁ କାର୍ଯ୍ୟାଳୟ ଘେରାଉ

**ବଇଣ୍ଡା, ୩୧।୭(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ବିଦ୍ୟୁତ୍ ସବଷ୍ଟେଶନ ଅଧୀନରେ ଥିବା ଧଉରାପାଲି, ଜଏରାଟ, ସଞ୍ଜାମୁରା, ହିମିତିରା, ଆମ୍ୱପାଳ, ଅଙ୍ଗପଡ଼ା, ଉରୁକୁଳା, ଧଉରପାଳ ଆଦି ପଞ୍ଚାୟତରେ ଅଘୋଷିତ ବିଦ୍ୟୁତକାଟ ହେଉଛି। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଞ୍ଚଳବାସୀ ବହୁବାର ବିଦ୍ୟୁତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପ୍ରତିବାଦରେ ବୁଧବାର କିଶୋରନଗର ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଧଉରାପାଲିଠାରେ ଥିବା ସେସୁ ବିଭାଗର ବିଦ୍ୟୁତ୍ ସବ ଷ୍ଟେଶନକୁ ଘେରାଉ କରାଯାଇଥିଲା। ଧଉରାପାଲି ଗ୍ରାମରୁ ଏକ ଶୋଭାଯାତ୍ରାରେ ଏସୟୁସିଆଇର ସଦସ୍ୟମାନେ ବାହାରି ସବଷ୍ଟେଶନ ପରିସରକୁ ଆସି ବିକ୍ଷୋଭ କରିଥିଲେ। ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ପୂର୍ବତନ ସରପଞ୍ଚ ରମଣୀରଞ୍ଜନ ପ୍ରଧାନ, ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ଲକ୍ଷ୍ମଣ ବେହେରା, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ, ବିଜୟ ରଥ, ଚେରୁ ପ୍ରଧାନ, ସରୋଜ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି, ବିନା କାରଣରେ ଏହି ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରାଯାଉଛି। ସନ୍ଧ୍ୟା ସମୟରେ ଲୋ ଭୋଲଟେଜ ଯୋଗୁ ବହୁ ଅସୁବିଧା ହେଉଛି। ଏନ୍‌ଜେନ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେବା ପରଠାରୁ ଲୋକଙ୍କୁ ଠିକ ଭାବେ ସେବା ମିଳିପାରୁ ନାହିଁ। ସାମାନ୍ୟ ବର୍ଷା ହେଲେ ବିଦ୍ୟୁତ ବିଚ୍ଛିନ୍ନ କରି ଦିଆଯାଉଛି। ତୁରନ୍ତ ଏହାର ସମାଧାନ ଦାବି କରି ୪ ଦଫା ସମ୍ବଳିତ ଏକ ଦାବିପତ୍ର ବାମୁର କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କ ଜରିଆରେ ସେସୁ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ କିଶୋରନଗର ଆଇଆଇସି ପ୍ରତିଭା ମାଝିଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ବେହେରା କହିଛନ୍ତି, ରାତିରେ ବିଦ୍ୟୁତ ତାରରେ କିଛି ଅସୁବିଧା ହେଲେ କର୍ମଚାରୀ ନ ଥିବା ଯୋଗୁ କାମ କରି ହେଉ ନାହିଁ। ସେଥିପାଇଁ ବିଦ୍ୟୁତ ବିଭ୍ରାଟ ଲାଗିଛି। ତୁରନ୍ତ ସମାଧାନ କରାଯିବ।


ସେସୁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଅସଦାଚରଣ, ଜଣେ ଗିରଫ

**ଅନୁଗୋଳ ଅଫିସ, ୩୧।୭**

ଅନୁଗୋଳ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାମ ଅରକ୍ଷିତ ଗଡ଼ନାୟକ(୨୯)। ସୂଚନାଯୋଗ୍ୟ ଯେ, ଗତ ୨୨ ତାରିଖରେ ସମ୍ପୃକ୍ତା ଯୁବତୀ ରାସ୍ତାରେ ଯାଉଥିବା ବେଳେ ଅରକ୍ଷିତ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୫୬୧/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଫେରାର ଥିବା ଅରକ୍ଷିତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

**ଢେଙ୍କାନାଳ ଅଫିସ୍, ୩୧।୭**

ଢେଙ୍କାନାଳ ସହର ସ୍ଥିତ ରାମେଶ୍ୱରପୁର ଓଭରବ୍ରିଜ ନିକଟରେ ରାତି ୯ଟା ୪୫ରେ ଏକ ଟ୍ରକ୍ ବାଇକକୁ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିନାହିଁ। ସେ ଢେଙ୍କାନାଳ ଆଡକୁ ବାଇକରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍‌ଟି ଧକ୍କା ଦେଇଥିଲା। ଗୁରୁତର ବାଇକ୍ ଆରୋହୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୁନାଗରିକ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ତାଲଚେର,୩୧।୭(ନି.ପ୍ର.)**

ତାଲଚେର ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ପ୍ରବେଶ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଦିଲୀପ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ଅନୁଷ୍ଠାନର ନିୟମ, ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ତ୍ରିପୁରାରୀ ନାଥ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ କଠୋର ପରିଶ୍ରମୀ ହେବା ସହ ଅନୁଷ୍ଠାନର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଅଶୋକ ଶର୍ମା, ଡ. ନିମାଇଁ ଚରଣ ପ୍ରଧାନ, ବିନୟ ଖିଲାର, ହୃଦାନନ୍ଦ ବେହେରା, ବିଜୟ କୁମାର ଶତପଥୀ, ଜ୍ୟୋତିର୍ମୟୀ ପାଣିଗ୍ରାହୀ, ମେଜର ସୁବ୍ରତ ଦାସ, କଳ୍ପନା ବୋଇତି, ହରେଶ ଚନ୍ଦ୍ର ବେହେରାଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।


କଲେଜ ପ୍ରବେଶ ଉତ୍ସବରେ ଛାତ୍ରୀମାନେ।

# ସଦସ୍ୟତା ଗ୍ରହଣ କରିବେ ୧୦ ହଜାର ଚାଷୀ



**ଅନୁଗୋଳ ଅଫିସ, ୩୧।୭**

ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟତା ଅଭିଯାନ ସମ୍ପର୍କିତ ବୈଠକ ସ୍ଥାନୀୟ ମଦନ ମୋହନ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚା ଅନୁଗୋଳ ଜିଲା ସଦସ୍ୟତା ପ୍ରମୁଖ ତଥା ଜିଲା ସଭାପତି ଜଗନ୍ନାଥ ଗଡନାୟକ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ମୋର୍ଚ୍ଚା ସଦସ୍ୟତା ପ୍ରଭାରୀ ଇଂ ଦେବାଶିଷ ହୋତା ଯୋଗ ଦେଇଥିଲେ। କୃଷକ ମୋର୍ଚ୍ଚା ତରଫରୁ ଜିଲାରେ ଦଶ ହଜାର ଚାଷୀଙ୍କୁ ନୂତନ ଭାବେ ସଦସ୍ୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ସଭାପତି ଗଡନାୟକ ସିଂ ସୂଚନା ଦେଇଥିଲେ। ଏଥିସହ ସେ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଜିଲାର ପ୍ରତ୍ୟେକ ଶକ୍ତି କେନ୍ଦ୍ରରେ ଅର୍ଥାତ୍ ୨୫୫ ଶକ୍ତି କେନ୍ଦ୍ରରେ ଅଗଷ୍ଟ ୩ରୁ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ସଦସ୍ୟତା ପ୍ରମୁଖମାନେ ସମସ୍ତ ପଞ୍ଚାୟତର ବୁଥ୍‌କୁ ଯାଇ ଚାଷୀମାନଙ୍କୁ ସଦସ୍ୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲାର କୃଷକ ମୋର୍ଚ୍ଚା ବରିଷ୍ଠ ନେତୃମଣ୍ଡଳୀ ସହ ରବିନାରାୟଣ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ମାୟାଧର ପ୍ରଧାନ, ଲୋଚନ ଦେହୁରୀ, ଜୀବନ ମାଝି, ବିନୋଦ ଦାସ, ହେମନ୍ତ ବିଶ୍ୱାଳ, ମଦନ ଦଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

■ପୁଣି ବିବାଦରେ ଜିଲା ମୁଖ୍ୟ ଚିକିତ୍ସାଳୟ

# ୫୦ ହଜାର ମିଳିବ କହି ୫ଶହ ନେଇ ଦଲାଲ ପାର୍

**ଅନୁଗୋଳ ଅଫିସ, ୩୧।୭**

■ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ

■ଦଲାଲଙ୍କୁ ଧରିବା ଲାଗି ହେବ ସିସିଟିଭି ଯାଞ୍ଚ

■ଥାନାରେ ମେଡିକାଲ ପକ୍ଷରୁ ଦିଆଯିବ ଏତଲା



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି ଦଲାଲ ରାଜ। ବିଭିନ୍ନ ସମୟରେ ଏମାନେ ଚିକିତ୍ସା ପାଇଁ ଦୂର ଦୂରାନ୍ତରୁ ଆସୁଥିବା ଅଜ୍ଞ୍ୟ ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି। ବୁଧବାର ମଧ୍ୟ ଜଣେ ରୋଗୀଙ୍କ ସ୍ୱାମୀଙ୍କଠାରୁ ୫ଶହ ଟଙ୍କା ଦଲାଲ ନେଇ ଫେରାର ହୋଇଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଗତ ୨୯ ତାରିଖରେ ଦେବଗଡ଼ ଜିଲା ଝରାବେରିଣିର ମୋହନ ନାଏକ ତାଙ୍କ ସ୍ତ୍ରୀ ଆରତୀଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୩ ମହଲାରେ ଆରତୀଙ୍କ ଚିକିତ୍ସା ହେଉଥିଲା। ଜ୍ୱର ସହ ଦେହରେ ରକ୍ତ କମିଯିବାରୁ ତାଙ୍କୁ ଗୋଟିଏ ରକ୍ତ ଦିଆଯାଇଥିଲା। ବୁଧବାର ଜଣେ ଦଲାଲ ତାଙ୍କ ନିକଟରେ ପହଞ୍ଚି ସମ୍ପର୍କୀୟ ପରିଚୟ ଦେଇଥିଲେ। ନିଜ ନାମ ଧୀରୁ ବୋଲି କହିବା ସହ ଦଲାଲ ଜଣକ ମେଡିକାଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଟଙ୍କା ପ୍ରଦାନ କରୁଥିବାରୁ ପାଇଛ କି ନାହିଁ ପଚାରିଥିଲେ। ପରେ ଟଙ୍କା ଆଣିବ କହି ରୋଗୀଙ୍କ ସ୍ୱାମୀ ମୋହନଙ୍କୁ ଡାକି ନେଇଯାଇଥିଲେ। ସାଙ୍ଗରେ ରୋଗୀଙ୍କ ପରୀକ୍ଷା ରିପୋର୍ଟ ଓ ୫ ଶହ ଟଙ୍କା ଧରି ଆସିବାକୁ ମୋହନଙ୍କୁ କହିଥିଲେ। ମୋହନ ଟଙ୍କା ଓ ରିପୋର୍ଟ ନେଇ ଯାଇଥିଲେ ହେଁ ଦୀର୍ଘ ସମୟ ଧରି ଫେରି ନ ଥିଲେ। ଫଳରେ ମୋହନଙ୍କ ଝିଅ ପ୍ରିୟଙ୍କା ବାପାଙ୍କୁ ଏ ଫାଟକରୁ ସେ ଫାଟକ ଖୋଜି ଖୋଜି ନୟାନ୍ତ ହୋଇପଡ଼ିଥିଲେ। ଶେଷରେ ବାପାଙ୍କୁ ନ ପାଇବାରୁ ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ କଥା କହିବା ସହ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସିଡିଏମ୍‌ଓ ବେହେରା କହିଛନ୍ତି, ଅଭିଯୋଗ ହୋଇଛି। ଲୋକଙ୍କୁ ସଚେତନ କରାଯାଉଛି। ଲୋକମାନେ କିନ୍ତୁ ଦଲାଦଲଙ୍କ କଥାରେ ପଡ଼ି ଅର୍ଥ ହରାଉଛନ୍ତି। ଏ ନେଇ ଅନୁଗୋଳ ପୋଲିସ ନିକଟରେ ଅଭିଯୋଗ କରାଯିବ। ସିସିଟିଭି ଯାଞ୍ଚ କରି ପୋଲିସ ଦଲାଲଙ୍କୁ ଧରିବା ପାଇଁ ଚେଷ୍ଟା କରିବ। ଅନ୍ୟପକ୍ଷରେ ମେଡିକାଲକୁ ମୋହନ ରାତି ୮ଟାରେ ଫେରିଥିବା ଜଣାପଡ଼ିଛି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୩୧।୭:** ଏକ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ବୁଧବାର ଅଭିଯୁକ୍ତ ବଣ୍ଡରପାଳ ଥାନା ଗୋତମରା ଗଡ଼ସାହିର ମାନସ ଜେନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଏକ ବର୍ଷ ଅଧିକ କାରାଦଣ୍ଡ ଭୋଗିବାକୁ ଜିଲା ଓ ଦୌରାଜଜ୍ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ପି.ପି. ମହେନ୍ଦ୍ର ବସ୍ତିଆ ସୂଚନା ଦେଇଛନ୍ତି। ମୋଟ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଥିବା ସେ କହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମାର୍ଚ୍ଚ ୨ରେ ବଣ୍ଡରପାଳ ଥାନା ଗୋତମରା ଗଡସାହିର ବନ୍ଧୁଆ ଜେନା ଗାଁ ପାଖ ଦୋକାନକୁ ଯାଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ମାନସ ଜେନା ଏବଂ ତାଙ୍କ ଦୁଇ ଭାଇ ରଞ୍ଜନ ଓ ରାମ ଜେନା ବନ୍ଧୁଆଙ୍କୁ ମାରପିଟ୍ କରିଥିଲେ। ପାଟିଶୁଣି ବନ୍ଧୁଆଙ୍କ ସ୍ତ୍ରୀ ମାମି ଜେନା ଘରୁ ବାହାରକୁ ଆସିବା ପରେ ତାଙ୍କ ସ୍ୱାମୀଙ୍କୁ ମାନସ ଓ ତାଙ୍କ ଭାଇମାନେ ମିଶି ମାଡ଼ ମାରୁଥିବା ଦେଖିଥିଲେ। ମାନସ ବନ୍ଧୁଆଙ୍କୁ ଟାଣି ଟାଣି ନେଇ ଏକ ଶାବଳରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମାମି ବଣ୍ଡରପାଳ ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୪୩/୧୫ରେ ମାମଲା ରୁଜୁ କରି ମାନସଙ୍କ ସହ ତିନି ଭାଇଙ୍କୁ ଗିରଫ କରିଥିଲେ। ମାମଲା ବିଚାର ବେଳେ ରାମ ଜେନାଙ୍କ ମୃତ୍ୟୁ ହୋଇଥିବାବେଳେ ରଞ୍ଜନ ଜେନାଙ୍କୁ ବୁଧବାର ଜିଲା ଓ ଦୌରାଜଜ୍ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ଫଟୋରେ ଖବର



ଭକ୍ତ ଦୀନକୃଷ୍ଣ ଦାଶଙ୍କ ସାଧନା ପୀଠ ଢେଙ୍କାନାଳ ଶରଣ ଶ୍ରୀକ୍ଷେତ୍ରରୁ ସାଧୁ ଚିଣ୍ଟୁ ବାବା ମହାପ୍ରଭୁଙ୍କ ଲାଗି ତୁଳସୀ ନେଇ ଶ୍ରୀ ମନ୍ଦିରକୁ ଯାଉଛନ୍ତି।

# ମିଳୁନି ଅଣଧାନ ବିହନ

**ବଣ୍ଡରପାଳ,୩୧।୭(ଡି.ଏନ.ଏ.)**



■ସମବାୟ ସମିତିକୁ ଯୋଗାଣ ହେଉନି

■ନିରାଶ ହୋଇ ଫେରୁଛନ୍ତି ଚାଷୀ

ଅନୁଗୋଳ କୃଷି ଜିଲା ବଣ୍ଡରପାଳ ବ୍ଲକ ଅଞ୍ଚଳରେ ଅଣ ଧାନ ଜାତୀୟ ବିହନ ପାଇପାରୁନାହାନ୍ତି ଚାଷୀ। ବାରମ୍ବାର କୃଷି କାର୍ଯ୍ୟାଳୟଠାରୁ ଆରମ୍ଭ କରି ସମବାୟ ସମିତି ଦୌଡୁଥିଲେ ମଧ୍ୟ ସେମାନଙ୍କୁ ବିହନ ଯୋଗାଯାଉ ନ ଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଚଳିତ ଖରିଫ ଋତୁରେ ବଣ୍ଡରପାଳରେ ମୋଟ ୨୪ ହଜାର ୮୧୦ ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିରୁ ୧୦ ହଜାର ୫୮୫ ହେକ୍ଟର ଜମିରେ ଧାନ ଚାଷ ଓ ୧୪ ହଜାର ୨୨୫ ହେକ୍ଟର ଜମିରେ ଅଣ ଧାନ ଚାଷ କରାଯିବା ପାଇଁ ସ୍ଥିର ହୋଇଥିଲା। ୫୬୫ ହେକ୍ଟର ଜମିରେ ମକା, ୧୯୦୫ ହେକ୍ଟର ଜମିରେ ମୁଗ, ୧୮୧୧ ହେକ୍ଟର ଜମିରେ ବିରି, ୧ ୪୧୦ ହେକ୍ଟର ଜମିରେ ହରଡ, ୨ଶହ ହେକ୍ଟର ଜମିରେ ଅନ୍ୟାନ ଜାତୀୟ ଫସଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୬୧୫ ହେକ୍ଟର ଜମିରେ ତୈଳ ବୀଜ, ୧୬୬୦ ହେକ୍ଟର ଜମିରେ ଚୀନା ବାଦାମ, ୯୫୪ ହେକ୍ଟର ଜମିରେ ରାଶି, ୮୩୮ ହେକ୍ଟର ଜମିରେ ମସଲା ଜାତୀୟ ଓ ୪ ହଜାର ୫୦୦ ହେକ୍ଟର ଜମିରେ ପନିପରିବା ଚାଷ କରିବା ପାଇଁ ଲକ୍ଷ୍ୟ ରହିଛି। ମୁଖ୍ୟତଃ ତାହା ଢ଼ିପ ଓ ପାହାଡ଼ିଆ ଅଞ୍ଚଳରେ ବର୍ଷା ଦିନେ ମୁଗ, ବିରି, ହରଡ଼, ମକା ଆଦି ବୁଣାବୁଣି କାର୍ଯ୍ୟ ଶେଷ ହେବା କଥା। ଜୁନ ଆରମ୍ଭରୁ ଏହିସବୁ ଚାଷ ଆରମ୍ଭ ହୋଇ ସେପ୍ଟେମ୍ବର ସୁଦ୍ଧା ଅମଳ ହେବା କଥା। ହେଲେ ବ୍ଲକ ଅଞ୍ଚଳରେ ୧୩ଟି କୃଷି ସମବାୟ ସମିତି ରହିଥିଲେ ମଧ୍ୟ କୌଣସି ସମିତିକୁ ଅଣ ଧାନ ଜାତୀୟ ବିହନ ଯୋଗାଣ ହୋଇନାହିଁ। କେତେକ ଚାଷୀ ବିହନ ନ ପାଇ ହାଟ କିମ୍ବା ବାହାରୁ ବିହନ କିଣି ଚାଷ କାର୍ଯ୍ୟ କରୁଛନ୍ତି। ଫଳରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଫସଲ ଅମଳ ହେବା ନେଇ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ବଣ୍ଡରପାଳ ସହକାରୀ କୃଷି ଅଧିକାରୀ ସୁମନ୍ତ ନାୟକ କହିଛନ୍ତି, ବ୍ଲକରେ ୧୩ଟି କୃଷି ସମବାୟ ସମିତି ରହିଛି। ମାତ୍ର ନିଗମ ତରଫରୁ କେବଳ ଧାନ ବିହନ ସମିତିକୁ ଯୋଗାଇ ଦିଆଯାଇଛି। କୌଣସି ଅଣ ଧାନ ଜାତୀୟ ବିହନ ଯୋଗାଣ ହେଉ ନ ଥିବାରୁ ଏହା ଚାଷୀଙ୍କୁ ଦିଆଯାଇପାରୁନାହିଁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୧ ଅଗଷ୍ଟ /୨୦୧୯, Dhenkanal, Thursday August 1 / 2019


## ସଂକ୍ଷେପରେ

### ବିପଦସଙ୍କୁଳ ରାସ୍ତାକୁ ନେଇ ମାମଲା

**ଢେଙ୍କାନାଳ ଅଫିସ,୩୧।୭:** ଢେଙ୍କାନାଳ ରେଳଷ୍ଟେଶନ ରଗଡାରାସ୍ତା ଓ ସିମିଳିଆଠାରୁ ଷ୍ଟେଶନ ରୋଡ ରାସ୍ତା ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡିଛି। ଫଳରେ ପ୍ରତିଦିନ ଏଠାରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି । ଏ ସମ୍ପର୍କରେ ବାରମ୍ଭାର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଥିଲା । ଫଳରେ ଏହାକୁ ନେଇ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଢେଙ୍କାନାଳ ସ୍ଥାୟୀ ଲୋକ ଅଦାଲତରେ ନଂ-୯୦।୨୦୧୯ରେ ଏକ ମାମଲା ଦାଏର କରିଛନ୍ତି । ଏଥିରେ ରେଳବାଇର ଖୋର୍ଦ୍ଧାରୋଡ ଡିଭିଜନ ମ୍ୟାନେଜରଙ୍କୁ ଆସନ୍ତା ଅଗଷ୍ଟ ୩୧ ତାରିଖରେ ସ୍ଥାୟୀ ଅଦାଲତରେ ହାଜର ହୋଇ ନିଜର ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଜଣାଇଛନ୍ତି।

### ଆକ୍ରମଣରେ ଜଣେ ଗୁରୁତର

**କାମାକ୍ଷାନଗର,୩୧।୭(ଡି.ଏନ.ଏ):** କାମାକ୍ଷାନଗର ଥାନା ଗୁଣ୍ଡିଚାନାଳୀ ଗ୍ରାମରେ ବୁଧବାର ପୂର୍ବ ଶତ୍ରୁତାକୁ ନେଇ ପୂର୍ଣ୍ଣ ପ୍ରଧାନ (୩୦)ଙ୍କୁ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ପୂର୍ଣ୍ଣ ବିଲରେ କାମ କରୁଥିବାବେଳେ ସେହି ଗ୍ରାମର ରଥ ପ୍ରଧାନ ଓ ପାତି ପ୍ରଧାନ ଆସି ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପୂର୍ଣ୍ଣଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

### ମଦ ଜବତ, ଜଣେ ଗିରଫ

**ରାସୋଳ,୩୧।୭(ଡି.ଏନ.ଏ):** ବେଆଇନ ମଦ କାରବାରରେ ସମ୍ପୃକ୍ତ ଅଭିଯୋଗରେ ଢେଙ୍କାନାଳ ଜିଲା ରାସୋଳ ଥାନା ଖଲିବୋରେଇ ଗ୍ରାମର ପାର୍ଥ ନାଏକଙ୍କୁ ପୋଲିସ ଗିରଫ କରିଛି । ପାର୍ଥ ଗ୍ରାମକୁ ମଦ ନେଇ ଯାଉଥିବା ବେଳେ ଏଏସ୍ଆଇ ପ୍ରଦୀପ ଶତପଥୀ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲେ।

ସୂଚନା ଅଧିକାର ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ସୂଚନା ଅଧିକାର ସଂଶୋଧନ ବିଲ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଢେଙ୍କାନାଳ ଅଫିସ, ୩୧।୭**

ସୂଚନା ଅଧିକାର ସଂଶୋଧନ ବିଲ୍ ୨୦୧୯ ପ୍ରତ୍ୟାହାର ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଢେଙ୍କାନାଳ ଶାଖା ପକ୍ଷରୁ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । କୌଣସି ବିତର୍କ ନ କରାଇ ମନମୁଖି ଭାବେ କେନ୍ଦ୍ର ସରକାର ଉଭୟ ସଦନରେ ଏହି ବିଲ୍‌କୁ ପାସ୍ କରାଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ବିଲ୍ ପ୍ରତ୍ୟାହାର କରାଯିବା ସହ ଏହା ଉପରେ ପୁନର୍ବିଚାର କରାଯିବା ପାଇଁ ଶାଖା ପକ୍ଷରୁ ନିବେଦନ କରାଯାଇଛି। ସୂଚନା ଅଧିକାର କର୍ମୀମାନେ ଘଣ୍ଟ ବଜାଇ ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଆବାହକ ପ୍ରିୟବ୍ରତ ଗଡନାୟକ, ଉପସଭାପତି ବିକାଶ ନାୟକ, ଜିଲା ସମ୍ପାଦକ ବୈକୁଣ୍ଠନାଥ ଦ୍ୱିବେଦୀ, ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ଦେବତା, ପଙ୍କଜ ନାୟକ, ପରଜଙ୍ଗ ଆବାହକ ବିମଳ ନାୟକ, ଭୁବନ ଆବାହକ ରଣଜିତ ବିଶ୍ୱାଳ, ଗଁଦିଆର ବିବେକ ଭଞ୍ଜ, ଓଡ଼ାପଡ଼ାର ଧନେଶ୍ୱର ରାଉଳ, ଆଇନଜୀବୀ ଗିରିଜା ମହାନ୍ତି, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, କୃଷକନେତା ମଳୟ ତ୍ରିପାଠୀ ଓ ସାରାଜଉଦ୍ଦିନ ଖାଁ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ଏହାପରେ ଅଭିଯାନର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ପିଲା ଖେଳକୁ ନେଇ ଗଣ୍ଡଗୋଳ

**କଣିହାଁ, ୩୧।୭(ଡି.ଏନ.ଏ.)**

ଛୋଟ ପିଲାଙ୍କ ଖେଳ ନେଇ ବୁଧବାର କଣିହାଁ ଥାନା ରଞ୍ଜନା ଗ୍ରାମର ୨ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଥାନାରେ ଅଭିଯୋଗ କ୍ରମେ ପୋଲିସ ଜଣଙ୍କୁ ଗିରଫ କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନା ମୁତାବକ, ଗ୍ରାମର ଶନୁ ବେହେରା, ରସାନନ୍ଦ ନାୟକଙ୍କ ପିଲାଙ୍କ ସମେତ ଓ ଅନ୍ୟ ପିଲାମାନେ ସାଇକେଲ ଟାୟାର ନେଇ ଖେଳୁଥିଲେ। ପିଲାମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହେବାରୁ ଶନୁ ବେହେରା ରାଗିଯାଇ ଟାୟାର ଫିଙ୍ଗି ଦେଇଥିଲେ। ଏହାପରେ ରସାନନ୍ଦ ଶନୁଙ୍କ ପରିବାରକୁ ଗାଳିଗୁଲଜ ସହ ମାରପିଟ କରିଥିବା ଶନୁ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୨/୧୯ରେ ମାମଲା ରୁଜୁ କରି ରସାନନ୍ଦଙ୍କୁ ଗିରଫ କରିଛି।

## ପଥପ୍ରାନ୍ତ ଭଜନ ସନ୍ଧ୍ୟା


ଭଜନ ପରିବେଷଣ କରାଯାଉଛି।

**କଣିହାଁ, ୩୧।୭(ଡି.ଏନ.ଏ.)**

କଣିହାଁ ବ୍ଲକ ବସ୍‌ଷ୍ଟାଣ୍ଡରେ ବୁଧବାର ସନ୍ଧ୍ୟାରେ ଦିବ୍ୟାଙ୍ଗମାନେ ପଥପ୍ରାନ୍ତ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଜନସାଧାରଣ ଉପଭୋଗ କରିଥିଲେ। ଅନେକ ବଦାନ୍ୟ ବ୍ୟକ୍ତି ସେମାନଙ୍କୁ ସହଯୋଗର ହାତ ବଢାଇଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଦିବ୍ୟାଙ୍ଗଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଶାନ୍ତି ରକ୍ଷା ପାଇଁ ପୋଲିସ ପଦକ୍ଷେପ ନେଉ



**ଢେଙ୍କାନାଳ ଅଫିସ,୩୧।୭**

ଢେଙ୍କାନାଳ ଜିଲା ସଦର ଥାନା ସାଙ୍କୁଲେଇ ପଞ୍ଚାୟତର ବଳଭଦ୍ରପୁର ଶାସନ ଗ୍ରାମରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯୋଗଦେଇ ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ଆମ ପୋଲିସ ସମିତିର ଆଭିମୁଖ୍ୟ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ସମାଜ ଗଠନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବା ବିଷୟରେ ଆଲୋଚନା କରିଥିଲେ । ବଳଭଦ୍ରପୁର ଗ୍ରାମ୍ୟ ଶାନ୍ତି କମିଟିର ସଭାପତି ଶୁଭେନ୍ଦୁ ମହାପାତ୍ର, ଉପଦେଷ୍ଟା ନୃସିଂହ ଚରଣ ମହାପାତ୍ର, ଦୁର୍ବାଶା ମହାପାତ୍ର, କେଦାରନାଥ ମହାପାତ୍ର, ସନ୍ତୋଷ ଦାସଙ୍କ ସମେତ ସଦର ଥାନା ଏଏସ୍ଆଇ ଜ୍ୟୋତି ସିଂ ଓ ମାଧବ ନାୟକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ମନ ମୋହିଲା ନଟରାଜର ଓଡ଼ିଶୀନୃତ୍ୟ

**ଢେଙ୍କାନାଳ ଅଫିସ, ୩୧।୭**

ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କାନାଳ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଛନ୍ତି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ନଟରାଜ ମହାବିଦ୍ୟାଳୟର କଳାକାରମାନେ ମଙ୍ଗଳାଚରଣ, ବଟୁ, ଅଭିନୟ ଓ ଦେବୀ ନୃତ୍ୟ ପରିବେଷଣ କରିଥିଲେ । ଗୁରୁ ଅନିକେତ ପଲ୍ଲବ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଏତଦବ୍ୟତୀତ ଢେଙ୍କାନାଳର ରାସବିହାରୀ ନାଥ ଓ ବାଲେଶ୍ୱରର ମାତୃପ୍ରସାଦ ଦାସ ଓଡ଼ିଶୀ କଣ୍ଠସଙ୍ଗୀତ ଗାନ କରିଥିଲେ । ରାଜ୍ୟ ସଂସ୍କୃତି ବିଭାଗ କମିଶନର ମନୋରଞ୍ଜନ ପାଣିଗ୍ରାହୀ ଉତ୍ସବକୁ ଉଦଘାଟନ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ବିଜୟ ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବୋଲି ନଟରାଜ ଅନୁଷ୍ଠାନର ସଭାପତି କୃଷ୍ଣକୁମାର ମିଶ୍ର ଜଣାଇଛନ୍ତି ।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ

## ଷ୍ଟ୍ରେଚରରେ ବୁହାହେଲେ ପ୍ରସୂତି

**ଭାପୁର, ୩୧।୭(ଡି.ଏନ.ଏ.)**

**ରାସ୍ତାରେ ଦବିଗଲା ଗାଡ଼ି**



ରାସ୍ତା ନ ଥିବାରୁ ଗାଁରେ ପଶି ପାରି ନ ଥିଲା ଆମ୍ବୁଲାନ୍ସ। ଫଳରେ ଯନ୍ତ୍ରଣାରେ ଛଟପଟ ହେଉଥିବା ପ୍ରସୂତିଙ୍କୁ ଷ୍ଟ୍ରେଚରରେ ବୋହି ପ୍ରାୟ ୨ କିମି ଚାଲିବା ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଭାପୁର ସଦର ବ୍ଲକ କରଡାପଡା ଗ୍ରାମରେ। ବାରମ୍ଭାର ଅଭିଯୋଗ ସତ୍ତ୍ୱେ ରାସ୍ତାଟିଏ ଗ୍ରାମରେ ନିର୍ମାଣ ହେଉ ନ ଥିବାରୁ ଏପରି ଅସୁବିଧା ଉପୁଜିଥିବା ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ବୁଧବାର ସକାଳେ ଗାଁର ପାତୁ ବେହେରାଙ୍କ ସ୍ତ୍ରୀଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ଗ୍ରାମ ଭିତରକୁ ଯାଇ ନ ପାରି ଆମ୍ବୁଲାନ୍ସଟି ଭାପୁରଠାରୁ ବେଗୁନିଆଁପାଳ ରାସ୍ତାରେ ଅଟକି ରହିଥିଲା। ସେଠାରେ ଗାଡ଼ିର ଚକ ଦବିଯିବାରୁ ଏହା ଆଉ ଆଗକୁ ଗଡିପାରି ନ ଥିଲା। ସେପଟେ ପ୍ରସୂତିଙ୍କୁ ଏକ ଷ୍ଟ୍ରେଚରରେ ପ୍ରାୟ ୨ କିମି ବୋହି ସମ୍ପର୍କୀୟମାନେ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲାବେଳକୁ ବହୁତ ବିଳମ୍ବ ହୋଇଥିଲା। ଏହି ଘଟଣାକୁ ନେଇ ପରିବାର ତଥା ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୁଣା କଟକ-ସମ୍ବଲପୁର ରାସ୍ତାଠାରୁ ମାତ୍ର ୬ କିମି ରାସ୍ତାକୁ ପ୍ରଶାସନ ପକ୍ଷରୁ ପୁନରୁଦ୍ଧାର କିମ୍ବା ନିର୍ମାଣ କରାଯାଉ ନ ଥିବାବେଳେ ଓଡ଼ାପଡା ବ୍ଲକର ଘଟିପିରି-କଳାଙ୍ଗ ରାସ୍ତାଠାରୁ ଗ୍ରାମକୁ ଯାଇଥିବା ମାତ୍ର ୨ କିମି ରାସ୍ତାରେ ଆଜି ପର୍ଯ୍ୟନ୍ତ ଥରୁଟିଏ ବି ମାଟି ପକାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ପୁଷ୍ପଲତା ଭୋଇ କୁହନ୍ତି, ଗ୍ରାମ ରାସ୍ତା ପାଇଁ ପଞ୍ଚାୟତ ତରଫରୁ ଅଧିକ ଟଙ୍କା ମଞ୍ଜୁର ହୋଇପାରୁନାହିଁ। ୨୦୧୫ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ପ୍ରସ୍ତାବ ଦିଆଯାଇଛି।

କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଏମ୍‌ପି

## ଆଇଆଇଏମ୍‌ସିର ଉନ୍ନତୀକରଣ କରାଯାଉ

**ଢେଙ୍କାନାଳ ଅଫିସ,୩୧।୭**

ଢେଙ୍କାନାଳଠାରେ ଥିବା ଭାରତୀୟ ଜନସଞ୍ଚାର ସଂସ୍ଥାନର ଉନ୍ନତୀକରଣ କରାଯିବା ପାଇଁ ଏମ୍‌ପି ମହେଶ ସାହୁ ୨୭ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସଂସ୍ଥାନକୁ ୨୬ ବର୍ଷ ପୂରିଥିବା ବେଳେ କୌଣସି ଆଖିଦୃଶିଆ ଉନ୍ନତୀକରଣ ହୋଇ ନ ଥିବା ଏମ୍‌ପି ପତ୍ରରେ ଦର୍ଶାଇଛନ୍ତି। ଢେଙ୍କାନାଳ ଶାଖାରେ ମାଷ୍ଟର ଡିଗ୍ରୀ ଇନ୍ ଜର୍ନାଲିଜିମ୍ ଆଣ୍ଡ ମାସ୍ କମ୍ୟୁନିକେଶନ, ପିଜି ଡିପ୍ଲୋମା ଇନ୍ ଆଡଭାଟାଇଜମେଣ୍ଟ ଓ ପବ୍ଲିକ ରିଲେଶନ, ଜରୁରୀ ପଦବୀ ପୂରଣ କରିବା, ଆଧୁନିକ ଉପକରଣ ସହିତ ଷ୍ଟୁଡିଓ, ଲାଇବ୍ରେରୀ ବ୍ୟବସ୍ଥା କରାଯିବା ଉପରେ ପଦକ୍ଷେପ ନେବାକୁ ଏମ୍‌ପି, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କୁ ଜଣାଇଥିବା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।

ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

## ଚମକିଲା ପଞ୍ଚାୟତିରାଜ ହାଇସ୍କୁଲ

**ଢେଙ୍କାନାଳ ଅଫିସ,୩୧।୭**

ଜାତୀୟସ୍ତରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ନାଟକ ମହୋତ୍ସବରେ ଲଗାତର ଦୁଇଥର ଶ୍ରେଷ୍ଠତ୍ୱ ହାସଲ କରିବା ପରେ ଜିଲାସ୍ତରରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଛି କାମାକ୍ଷାନଗର ବ୍ଲକ କାନପୁରସ୍ଥିତ ପଞ୍ଚାୟତରାଜ ହାଇସ୍କୁଲ। ବୁଧବାର ଢେଙ୍କାନାଳ ସୁଲକ୍ଷଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ହେବା ପରେ ଏହି ବିଦ୍ୟାଳୟ ରାଜ୍ୟ ଜୋନସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଛି। ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେଇଥିଲେ । ସେଥିରେ କାନପୁରା ପଞ୍ଚାୟତରାଜ ହାଇସ୍କୁଲ ପ୍ରଥମ, ସୁଲକ୍ଷଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚଳିତବର୍ଷ ପଞ୍ଚାୟତରାଜ ହାଇସ୍କୁଲ କାନପୁରର ନାଟକ 'ସୃଷ୍ଟି-ନିଡ୍‌ସ କେୟାର' ପରିବେଷଣ କରାଯାଇଥିଲା । ସମାଜ ଓ ବିଜ୍ଞାନ ଉପରେ ଆଧାରିତ ଏହି ନାଟକରେ ପଞ୍ଚ ମହାଭୂତର ସ୍ୱଚ୍ଛତା ମାଧ୍ୟମରେ ସମଗ୍ର ବିଶ୍ୱକୁ ସବୁଜ ସୁନ୍ଦର କରି ଗଢି ତୋଳାଯାଇପାରିବ ବୋଲି ବାର୍ତ୍ତା ପ୍ରଦାନ କରାଯାଇଥିଲା । ନାଟ୍ୟକାର ଦିନେଶ ଦାସ ଏହି ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି। ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ସୁରେଶ କୁମାର ମହାନ୍ତି ଓ ସୁରେଶ କୁମାର ମିଶ୍ର ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାକୁ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ କୁମାର ସାହୁ ଓ ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ନାଟକ ସୃଷ୍ଟି-ନିଡ୍ସ କେୟାରର ଏକ ଦୃଶ୍ୟ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ